## ସଂକ୍ଷେପରେ

### ଆଧ୍ୟାତ୍ମିକ ଦିଗ ଦର୍ଶନ ଉଦ୍‌ଯାପିତ

କବିସୂର୍ଯ୍ୟନଗର,୭।୬(ଡି.ଏନ.ଏ.)- କବିସୂର୍ଯ୍ୟନଗର ମା’ ମହାମାୟୀଙ୍କ ଯାତ୍ରା ଅବସରରେ କବିସୂର୍ଯ୍ୟନଗରଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାଖା ଆନୁକୂଲ୍ୟରେ ୯ ଦିନ ବ୍ୟାପୀ ଚାଲିଥିବା ଆଧ୍ୟାତ୍ମିକ ଦିଗ ଦର୍ଶନ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷା ଜ୍ୟୋର୍ତିମୟୀ ସ୍ୱାଇଁ, ଏନ୍‌ଏସି ଅଧକ୍ଷା ଏସ୍. ଲକ୍ଷ୍ମୀ ସେଠୀ, ଉପାଧକ୍ଷ ବିକ୍ରାନ୍ତ କୁମାର ସାହୁ, ସିଡିପିଓ ବୀଣାପାଣି ମିଶ୍ର, ଜି. ଶମ୍ଭୁଲିଙ୍ଗମ ଆଚାରୀ ପ୍ରମୁଖ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଗତ ୨୯ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ଚୈତନ୍ୟ ଦେବୀ ମଣ୍ଡପଠାରେ ବ୍ରହ୍ମା କୁମାର, କୁମାରୀଙ୍କୁ ନେଇ ନୃତ୍ୟ ନାଟକ ମାଧମରେ ଆଧ୍ୟାତ୍ମିକ ଜ୍ଞାନ ପ୍ରଦାନ କରାଯାଉଛି। ଅନୁଷ୍ଠାନର ବ୍ରହ୍ମାକୁମାରୀ ପ୍ରଭାତୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୀବନରେ ମୂଲ୍ୟବୋଧ ଉପରେ ସଚେତନ କରିଥିଲେ। ଉଦଯାପନୀ ଦିବସରେ ଖବରଦାତା କୃପାସିନ୍ଧୁ ସ୍ୱାଇଁ, ନାରାୟଣୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ରହ୍ମାକୁମାରୀ ସୁଜ୍ଞାନୀ, ଭାଗ୍ୟଲତା, ଅନୁରାଧା, ନିରୁପ୍ରଭା, ଧରଣୀ, ସୁମିତ୍ରା ଏବଂ ବ୍ରହ୍ମକୁମାର ବିଶ୍ୱନାଥ, ସନ୍ତୋଷ, ଚରଣ, ବଳରାମ, ସତ୍ୟପ୍ରିୟ, ପଞ୍ଚାୟତ୍ରୀ ପ୍ରମୁଖ ପରିଚାଳନା କରିଥିଲେ।

### ୧୫ ସମିତିରୁ ୧୨ରେ ଅପ୍ରତିଦ୍ୱନ୍ଦ୍ୱୀ

ଆସିକା,୭।୬(ଡି.ଏନ.ଏ.)-ସମବାୟ ନିର୍ବାଚନ ଲାଗି ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥିପତ୍ର ଦାଖଲ ମଙ୍ଗଳବାର ହୋଇଥିଲା। ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ସଦର ଶାଖା ଅଧିନସ୍ଥ ୧୫ଟି ସମିତିରେ ପ୍ରାର୍ଥିମାନେ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୯ଟି ପ୍ରାଥମିକ କୃଷି ସମବାୟ ସମିତି ରହିଥିଲା ବେଳେ ୬ଟି ଅନ୍ୟାନ୍ୟ ସମିତି ରହିଛି । ପ୍ରାଥମିକ କୃଷି ସମବାୟ ସମିତି ଲାଗି ବଡଖୋଲି, ନଳବଣ୍ଟା, ଘଟକୁରୀ, ଦେବଭୂମି, ପାଣ୍ଡିଆପଥର, ଗହଙ୍ଗୁ, ବରଗାଁ, ମଙ୍ଗଳପୁର ଓ ମୁନିଗାଡି ଏବଂ ଅନ୍ୟାନ୍ୟ ସମିତି ମଧ୍ୟରୁ ଆସିକାର ଉତ୍କଳ ଆୟୁର୍ବେଦିକ ସମବାୟ ଫାର୍ମାସୀ, ଚିନିଶିଳ୍ପ କର୍ମଚାରୀ ସଂଘ ସୋସାଇଟି, ଘୁମୁସର ହାଉସ ବିଲଡିଂ ସୋସାଇଟି, ପାର୍ବତୀ ମାର୍କେଟିଂ ସୋସାଇଟି ଏବଂ ଶ୍ରୀ ଜଗନ୍ନାଥ ଭେଜିଟେବୁଲ ସୋସାଇଟି ରହିଛି । ତେବେ ଦାଖଲ ପ୍ରାର୍ଥିପତ୍ର ମଧ୍ୟରୁ ମଙ୍ଗଳପୁର ଓ ମୁନିଗାଡି ପ୍ରାଥମିକ କୃଷି ସମବାୟ ସମିତି ଓ ଅନ୍ୟାନ୍ୟ ସମିତି ମଧ୍ୟରୁ ଉତ୍କଳ ଆୟୁର୍ବେଦିକ ସମବାୟ ଫାର୍ମାସୀରେ ପ୍ରାର୍ଥୀଙ୍କ ପ୍ରତିଦ୍ୱନ୍ଦ୍ୱିତା ରହିଥିଲା ବେଳେ ଅନ୍ୟ ସମସ୍ତ ସମିତିରେ ପ୍ରାର୍ଥିପତ୍ର ଅପ୍ରତିଦ୍ୱନ୍ଦ୍ୱୀ ରହିଥିବା ସୂଚନା ମିଳିଛି । ଏଥି ପୂର୍ବରୁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥିପତ୍ର ଦାଖଲ ସମୟରେ ୧୦ଟି ପ୍ରାଥମିକ କୃଷି ସମବାୟ ସମିତି ମଧ୍ୟରୁ ୫ଟିରେ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ରହିଥିଲେ ।

### ଦିଗପହଣ୍ଡିରେ ଅସହ୍ୟ ଗୁଳୁଗୁଳି, ଘନ ଘନ ବିଦ୍ୟୁତ କାଟ୍, ପାନୀୟ ଜଳ ସଙ୍କଟ

ଦିଗପହଣ୍ଡି,୭।୬(ଡି.ଏନ.ଏ.)-ଦିଗପହଣ୍ଡି ସହର ତଥା ଆଖପାଖ ଗ୍ରାମାଞ୍ଚଳରେ ତାପମାତ୍ରାରେ ଯଥେଷ୍ଟ ବୃଦ୍ଧି ଯୋଗୁ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ପ୍ରଚଣ୍ଡ ତାତି ଯୋଗୁ ସକାଳ ୭ଟା ପରେ ଘରୁ ଗୋଡ଼ କାଢିବା କଷ୍ଟକର ହୋଇପଡୁଛି। ଗୁଳୁଗୁଳି ସହିତ ଘନ ଘନ ବିଦ୍ୟୁତ୍ କାଟ ଯୋଗୁ ଗ୍ରୀଷ୍ମ ଯନ୍ତ୍ରଣା ଦ୍ୱିଗୁଣିତ ହେଉଛି। ବିଦ୍ୟୁତ୍ କାଟ ଯୋଗୁ ଅନେକ ଗ୍ରାମାଞ୍ଚଳରେ ଥିବା ପାନୀୟଜଳ ପ୍ରକଳ୍ପ ଗୁଡ଼ିକରେ ମୋଟର ଚାଲୁନାହିଁ। ଦିଗପହଣ୍ଡି ବିଦ୍ୟୁତ ବିଭାଗ ଏବଂ ଗ୍ରାମ୍ୟ ପାନୀୟଜଳ ଜନସ୍ୱାସ୍ଥ୍ୟ ବିଭାଗର ଅପରିଣାମଦର୍ଶୀତା ଓ ଖାମଖିଆଲି ମନୋଭାବ ଯୋଗୁ ଗ୍ରାମାଞ୍ଚଳର ଅନେକ ପାନୀୟଜଳ ପ୍ରକଳ୍ପ ଅଚଳ ଅବସ୍ଥାରେ ପଡ଼ିରହିଛି। ପ୍ରାୟ ଗ୍ରାମାଞ୍ଚଳଗୁଡ଼ିକରେ ଲୋକେ ପାଇପ ଯୋଗେ ପାଣି ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ପାଖରେ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ପ୍ରକାର ପ୍ରତିକାର ହେଉନାହିଁ।

### ସୁଗଡ଼ବାଡ଼ି ହାଇସ୍କୁଲକୁ ପ୍ରକୃତି ମିତ୍ର ପୁରସ୍କାର

ରାଇକିଆ, ୭।୬(ଡି.ଏନ୍.ଏ)- ରାଇକିଆ ବ୍ଲକର ସୁଗଡ଼ବାଡି ହାଇସ୍କୁଲକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ବିଶ୍ୱ ପରିବେଶ ଦିବସ ଅବସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ପରିବେଶ ସୁରକ୍ଷା ଓ ସଚେତନତା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ହାଇସ୍କୁଲକୁ ଭୁବନେଶ୍ୱରଠାରେ ପୁରସ୍କୃତ କରାଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ ପ୍ରଧାନ ମାନପତ୍ର ସହ ୨୦ ହଜାର ଟଙ୍କାର ଚେକ୍ ପୁରସ୍କାର ସ୍ୱରୂପ ଜଙ୍ଗଲ, ପରିବେଶ ବିଭାଗ ସଚିବ ଡା. ମୋନା ଶର୍ମାଙ୍କଠାରୁ ଗ୍ରହଣ କରିଛନ୍ତି। ବିଦ୍ୟାଳୟକୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ମିଳିଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ସମେତ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି।

# ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ସ୍ଥାପନରେ ବିଳମ୍ବ, ଜନ ଅସନ୍ତୋଷ

## ତହସିଲ କାର୍ଯ୍ୟାଳୟରେ ଅଟକିଛି ଫାଇଲ, ବିଧାୟକ କ୍ଷୁବ୍ଧ

ଦାରିଙ୍ଗବାଡ଼ି,୭।୬(ଡି.ଏନ.ଏ)



ସରକାରୀ ବସଷ୍ଟାଣ୍ଡ ପାଇଁ ୨୦୨୧ରେ ଚିହ୍ନଟ ପରେ ଜବରଦଖଲ ଉଚ୍ଛେଦ ହୋଇଥିବା ଜମି।

ପର୍ଯ୍ୟଟନ କ୍ଷେତ୍ରରେ ସାରା ଦେଶ ବିଦେଶରେ ଖାତି ଅର୍ଜନ କରିଥିବା କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଏକ ବସଷ୍ଟାଣ୍ଡ ସ୍ଥାପନ ପାଇଁ ପ୍ରସ୍ତାବ କରାଯାଇଛି। ହେଲେ ଏହି ପ୍ରସ୍ତାବ ଦୀର୍ଘଦିନ ହେଲା କରାଯାଇଥିଲେ ସୁଦ୍ଧା ଆଞ୍ଚଳିକ ପରିବହନ ବିଭାଗକୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜମି ଯୋଗାଇ ଦିଆଯିବାରେ ଚରମ ଅବହେଳା ହୋଇଛି। ଆଜି ଯାଏ ଉକ୍ତ ବସଷ୍ଟାଣ୍ଡ ପାଇଁ ପ୍ରସ୍ତାବ ପ୍ରସ୍ତାବରେ ହିଁ ଅଟକି ରହିଛି । ଏଥିପାଇଁ ଜନଅସନ୍ତୋଷ ବୃଦ୍ଧି ପାଉଛି। ଦୈନିକ ହଜାର ସଂଖ୍ୟାରେ ପର୍ଯ୍ୟଟକଙ୍କ ସମେତ ଉକ୍ତ ବ୍ଲକର ୨୫ପଞ୍ଚାୟତର ବାସିନ୍ଦା, ବିଭିନ୍ନ ସରକାରୀ ଏବଂ ବେସରକାରୀ କାର୍ଯ୍ୟରେ ଲୋକ ଦାରିଙ୍ଗବାଡ଼ିକୁ ଆସୁଥିବା ବେଳେ ବସଷ୍ଟାଣ୍ଡଟିଏ ନ ଥିବାରୁ ସେମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରଚଣ୍ଡ ଖରାରେ ଲୋକେ ଏଣେତେଣେ ବସକୁ ଅପେକ୍ଷା କରିବାକୁ ପଡୁଛି। ବସଷ୍ଟାଣ୍ଡ ପ୍ରଥମେ ବ୍ଲକ ପକ୍ଷରୁ ୨୦୦୦ ମସିହାରେ କରାଯାଇଥିବା ବେଳେ ଏବେ ସେହି ଅଞ୍ଚଳର ଅଧିକାଂଶ ଜାଗାକୁ ଜବରଦଖଲରେ ଲୋକେ ଘର ଏବଂ ବ୍ୟବସାୟ କରୁଥିବାରୁ ଉକ୍ତ ବସ୍‌ଷ୍ଟାଣ୍ଡଟି ସଙ୍କୁଚିତ ହେବା ସହ ବିଶ୍ରାମାଗାର ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ସମଗ୍ର ଜିଲାରେ ବସଷ୍ଟାଣ୍ଡ କରାଯିବା ପାଇଁ ପ୍ରସ୍ତାବ ଆସିଥିବାବେଳେ ଦାରିଙ୍ଗବାଡ଼ିରେ ମଧ ଏକ ବସଷ୍ଟାଣ୍ଡ ପାଇଁ ପ୍ରସ୍ତାବ ରହିଛି। ହେଲେ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜମି ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରାଯାଇଛି। ୨୦୨୧ ଏପ୍ରିଲ ୧୩ରେ ଜଣେ ବ୍ୟକ୍ତି ସରକାରୀ ଜମିକୁ ଜବରଦଖଲ କରି ରଖିଥିବା ବେଳେ ତାକୁ ଉଚ୍ଛେଦ କରାଯାଇଥିଲା। ତତ୍କାଳୀନ ତହସିଲଦାର କଳାକୃଷ୍ଣ ପ୍ରଧାନଙ୍କ ଉପସ୍ଥିତିରେ ଉକ୍ତ ଜବରଦଖଲ ଜମି ଖାତା ନଂ ୩୬୯, ପ୍ଲଟ ନଂ ୧୧୮୮ରେ ମୋଟ ୦.୩୧୮ ହେକ୍ଟର ଜମି ଅର୍ଥାତ୍ ଏକଏକରରୁ କମ୍ ଜମି ବସ୍‌ଷ୍ଟାଣ୍ଡ ପାଇଁ ଅଧିଗ୍ରହଣ କରାଯାଇଥିଲା। ଏହି ଜବରଦଖଲ ନିର୍ଦ୍ଦେଶ ୨୦୨୦ରୁ ରହିଥିବା ବେଳେ କରୋନା ପାଇଁ ତାହା ବିଳମ୍ବ ହୋଇଥିଲା। ହେଲେ ବସ୍‌ଷ୍ଟାଣ୍ଡ ପାଇଁ ଯେଉଁ ଜମି ଚିହ୍ନଟ ହୋଇଥିଲା ତାହା ଆବଶ୍ୟକତାଠାରୁ ବହୁତ କମ୍ ରହିଥିବାରୁ ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ ଅତିକମ୍‌ରେ ଏକଏକର ଜମି ଯୋଗାଇ ଦେବାକୁ ତହସିଲ କାର୍ଯ୍ୟାଳୟକୁ ଜଣାଇଥିଲେ, ହେଲେ ଆଜି ଯାଏ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜମି ଯୋଗାଇଦିଆ ନ ଯିବାରୁ ପ୍ରସ୍ତାବିତ ବସଷ୍ଟାଣ୍ଡ ନିର୍ମାଣ ହୋଇପାରୁନାହିଁ । ଏ ନେଇ ବିଧାୟକ ସାଲୁଗା ପ୍ରଧାନ ଉଦ୍‌ବେଗ ପ୍ରକାଶ କରିବା ସହ ଶୀଘ୍ର ଜମି ଚିହ୍ନଟ କରି ଯୋଗାଇଦେବାକୁ ସ୍ଥାନୀୟ ତହସିଲଦାର ଏବଂ ବାଲିଗୁଡ଼ା ଉପଜିଲାପାଳଙ୍କୁ ପରାମର୍ଶ ଦେଇଥିବା କହିଛନ୍ତି। ପରିବହନ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ, ଖୁବ୍‌ଶୀଘ୍ର ଜମି ତାଙ୍କ ବିଭାଗକୁ ହସ୍ତାନ୍ତର କରାଯିବ, ସେ ସରକାରଙ୍କ ନିକଟରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଅନୁଦାନ ଲାଗି ନିବେଦନ କରିବେ ବୋଲି କହିଛନ୍ତି। ଏ ନେଇ ଦାରିଙ୍ଗବାଡି ତହସିଲଦାର ଚାର୍ଲସ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଯେଉଁ ଜମି ଉକ୍ତ ବିଭାଗକୁ ଦିଆଯିବା ପାଇଁ କେସ୍ ରେକର୍ଡ ଖୋଲାଯାଇଥିଲା ତାହା ଏକ ବର୍ଷରୁ ଉର୍ଦ୍ଧ୍ୱବିତିଗଲାଣି, ତେଣୁ ପୁଣି ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ତହସିଲକୁ ଜମି ପାଇଁ ଚିଠି କଲେ ଚିହ୍ନଟ କରାଯିବ । ଏ ସମ୍ପର୍କରେ ବିଧାୟକଙ୍କୁ ମଧ ଅବଗତ କରାଯାଇଥିବା ତହସିଲଦାର ନାୟକ କହିଛନ୍ତି । ଶୀଘ୍ର ବସଷ୍ଟାଣ୍ଡ ସ୍ଥାପନ ପାଇଁ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବାକୁ ସ୍ଥାନୀୟ ଜନସାଧାରଣ, ହୋଟେଲ ସଂଘ, ବଣିକ ସଂଘ ସମେତ ବିଭିନ୍ନ ସଂଗଠନ ଦାବି କରିଛନ୍ତି।

## ଜିଲାର ଅଗ୍ରଣୀ ମହିଳା ସଙ୍ଗଠନ ଆକାଂକ୍ଷାକୁ ରାଜ୍ୟସ୍ତରୀୟ ପ୍ରକୃତିମିତ୍ର ପୁରସ୍କାର

ପାରଳାଖେମୁଣ୍ଡି,୭।୬(ଡି.ଏନ୍.ଏ.)

ବିଶ୍ୱପରିବେଶ ଦିବସ-୨୦୨୨ ପାଳନ ଅବସରରେ ପାରଳାଖେମୁଣ୍ଡିଠାରେ ଥିବା ଗଜପତି ଜିଲାର ଅଗ୍ରଣୀ ମହିଳା ସଙ୍ଗଠନ ଆକାଂକ୍ଷାକୁ ରାଜ୍ୟସ୍ତରୀୟ ପ୍ରକୃତି ମିତ୍ର ପୁରସ୍କାର ମିଳିଛି। ଚାରା ରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆଦିରେ ବିଶେଷ ସକ୍ରିୟତା ଯୋଗୁ ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏକ ବର୍ଣ୍ଣାଢ୍ୟପୂର୍ଣ୍ଣ ସଭା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ମୋନା ଶର୍ମା, ଅତିରିକ୍ତ ଶାସନ ସଚିବଙ୍କ ଦାରା ପୁରସ୍କୃତ କରାଯାଇଥିଲା। ସମ୍ମାନିତ ଅତିଥିରୂପେ ଚିଲିକା ଉନ୍ନୟନ ଅଧିକାରୀ ରତିକାନ୍ତ ଜେନା, ପ୍ରୋଗ୍ରାମ କର୍ଯ୍ୟନିର୍ବାହୀ ଅଧିକାରୀ ଭୁବନେଶ୍ୱର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଆକାଂକ୍ଷା ମହିଳା ସଙ୍ଗଠନର ସମ୍ପାଦିକା ମୀନା କୁମାରୀ ଚହଲ, ଉପଦେଷ୍ଟା ଡ.କଲ୍ୟାଣୀ ମିଶ୍ର, ସଦସ୍ୟା ଅଳକା ସାହୁଙ୍କ ସହ ଏହି ସମ୍ମାନ ଜନକ ରାଜ୍ୟସ୍ତରୀୟ ପୁରସ୍କାର ଗ୍ରହଣ କରିଥିଲେ। ଏଥିପାଇଁ ସଙ୍ଗଠନର ସଭାନେତ୍ରୀ ଆଶାଲତା ପାଣିଗ୍ରାହୀ, ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ପାଠୀ, କୋଷାଧ୍ୟକ୍ଷା ସରିତା ପାଣିଗ୍ରାହୀ, ସଙ୍ଗଠନର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଜାତୀୟ ଟାଏକୋଣ୍ଡୋ ଟିମ୍‌ରେ ଛତ୍ରପୁରର ରୁଦ୍ର

ଛତ୍ରପୁର,୭।୬(ଡି.ଏନ.ଏ.)

ଛତ୍ରପୁର ବ୍ଲକର ସିଙ୍ଗିପୁର ଗ୍ରାମର ରୁଦ୍ର ନାରାୟଣ ବେହେରା ଟାଏକୋଣ୍ଡୋ ଭାରତ ଦଳ ପାଇଁ ମନୋନୀତ ହୋଇଛନ୍ତି। ଗତ ମାର୍ଚ୍ଚ ୧୬ ଓ ୧୭ ତାରିଖରେ ବାଙ୍ଗାଲୋରସ୍ଥିତ ସ୍ପୋର୍ଟସ ଅଥରିଟି ଅଫ୍ ଇଣ୍ଡିଆର ନ୍ୟାଶନାଲ ସେଣ୍ଟର୍ ଅଫ ଏକ୍ସଲେନ୍ସ, ଆନୁକୁଲ୍ୟରେ ଟାଏକୋଣ୍ଡୋ ଭାରତ ଦଳ ପାଇଁ ସେଲେକ୍ସନ ଟ୍ରାଏଲ ହୋଇଥିଲା । ସେଥିରେ ଗଞ୍ଜାମ ଜିଲାରେ ଥିବା କେଏମପି ସ୍ପୋର୍ଟସ ଏକାଡେମୀର ରୁଦ୍ରନାରାୟଣ ଓଡ଼ିଶାରୁ ପ୍ରଥମ ଖେଳାଳି ଭାବେ ଅଂଶ ଗ୍ରହଣ କରିଥିଲେ। ଭଲ ପ୍ରଦର୍ଶନ କରିଥିବା ଯୋଗୁ ସେ ଜାତୀୟ ଦଳକୁ ଚୟନ ହୋଇଛନ୍ତି। ସିଙ୍ଗିପୁରର



ରୁଦ୍ର ନାରାୟଣ ବେହେରା।

ରାଜେନ୍ଦ୍ର କୁମାର ବେହେରା ଓ ମମତା ବେହେରାଙ୍କ ପୁତ୍ର ରୁଦ୍ର ପିଲାବେଳୁ କେଏମପି ସ୍ପୋର୍ଟସ ଏକାଡେମୀରେ ଯୋଡ଼ିହୋଇ ଟାଏକୋଣ୍ଡୋର କୋଚ କେ ମନୋଜ ପ୍ରଧାନଙ୍କ ନିକଟରେ ଶିକ୍ଷା ନେଉଛନ୍ତି। ସେ ବାଙ୍ଗାଲୋରସ୍ଥିତ ସ୍ପୋର୍ଟସ ଅଥୋରିଟୀ ଅଫ ଇଣ୍ଡିଆର ନ୍ୟାଶନାଲ ସେଣ୍ଟର୍ ଅଫ ଏକ୍ସଲେନ୍ସରେ ଯାଇ ଏକବର୍ଷ ପର୍ଯ୍ୟନ୍ତ ତାଲିମପ୍ରାପ୍ତ ହେବେ । ଓଡ଼ିଶା ଟାଏକୋଣ୍ଡୋ ଆସୋଶିଏସନର ସମ୍ପାଦକ ମନମୋହନ ଭଞ୍ଜ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଜିଲା ସଭାପତି ଶ୍ରୀକାନ୍ତ ମହାନ୍ତି ଓ ଡା ଅନିତା ମିଶ୍ର, ସିଏଚ. ପ୍ରସାଦ ନାୟକ, ଇ. ଲଳିତ କୁମାର, ବାସୁ ନାୟକ, ଅମ୍ବିକା ପ୍ରସାଦ ଦାସ, ଯନୋଜ କୁମାର ମହାରଣା, ଲକ୍ଷ୍ମୀ ନାରାୟଣ ପ୍ରମୁଖ ଶୁଭେଚ୍ଛା ଦେବା ସହ ବିଭିନ୍ନ ଜିଲା ଏବଂ ରାଜ୍ୟସ୍ତରରୁ ତାଙ୍କ ସଫଳତା କାମନା କରାଯାଇଛି ।

## ତାମିଲନାଡୁରେ ଓଡ଼ିଆ ଶ୍ରମିକ ମୃତ

### ଓଡିଶା ମୋ ପରିବାର ସହାୟତାରେ ଆସିଲା ମୃତଦେହ

ଆର.ଉଦୟଗିରି,୭।୬(ଡି.ଏନ.ଏ.)

ତାମିଲନାଡରୁ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଓଡିଶା ମୋ ପରିବାର ସହାୟତାରେ ତାଙ୍କ ମୃତଦେହକୁ ଆସିଛି। ମୃତକ ହେଲେ ଆର.ଉଦୟଗିରି ଥାନା ରଣାଲଇ ଗ୍ରାମର ଜନ୍‌ସେନ୍ ପାଣି। ସେ କିଛିମାସ ତଳେ ତାମିଲନାଡୁର ଏକ କମ୍ପାନୀରେ କାମ କରିବାକୁ ଯାଇଥିଲେ। ଗତ ସୋମବାର ଅସୁସ୍ଥ ହୋଇପଡ଼ିବାରୁ ପାଖରେ ଥିବା ସାଙ୍ଗମାନେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଏହି ଖବର ପରିବାର ଲୋକେ ଜାଣିବାକୁ ପାଇଥିଲେ। ତାଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ମୃତଦେହ କିପରି ଗାଁକୁ ଆସିବ ଚିନ୍ତାରେ ରହିଥିଲେ। ଏହି ବିଷୟ ନେଇ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁଙ୍କୁ ଜଣାଇବା ପରେ ରାଜ୍ୟ ସରକାରଙ୍କ ଓଡ଼ିଶା ମୋ ପରିବାର ସହାୟତାରେ ରଣାଲଇ ଗ୍ରାମକୁ ମଧ୍ୟରାତ୍ରରେ ମୃତ ଦେହ ପହଞ୍ଚିଥିଲା। ପରିବାର ଲୋକେ ମୃତଦେହ ଦେଖିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏଥିସହ ପରିବାର ଲୋକେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବିଶ୍ୱ ପରିବେଶ ଦିବସ

ରମ୍ଭା,୭।୬

ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଜୁନ ୫ ତାରିଖ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁବଳୟା ଗୋପାଳକୃଷ୍ଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲା ଡିଆରଡିଏ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଜ୍ୟୋତି ଶଙ୍କର ରାୟ, ମୁଖ୍ୟବକ୍ତା ଗଞ୍ଜାମ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଜିତ ରାୟ, ସମ୍ମାନିତ ଅତିଥି ପ୍ରକୃତିବନ୍ଧୁ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବତନ ସରପଞ୍ଚ କେଦାର ନାଥ ସ୍ୱାଇଁ, ଏସ୍‌ଏମସି ସଭାପତି ଦିଲ୍ଲୀପ ବେହେରା, ଗ୍ରାମ୍ୟକମିଟି ସଭାପତି ଲିଙ୍ଗରାଜ ସାହୁ, ନାଏବ ସରପଞ୍ଚ ରାକେଶ ସାହୁ, ବରିଷ୍ଠ ଶିକ୍ଷକ ଗଣେଶ ବେହେରା ଓ ଗୋପାଳ କୃଷ୍ଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସେହିପରି ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ଅତିରିକ୍ତ ତହସିଲଦାର ତଥା ରମ୍ଭା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋର୍ତିମୟ ଦାଶ, ନବାଗତା ଅଧକ୍ଷା ମାନସୀ ସ୍ୱାଇଁ, ଉପାଧକ୍ଷ କାଳିଆ ତରେଇ, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ର ମାନଙ୍କ ଉପସ୍ଥିତିରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା।

## ନାଟକ ‘କାହାଣୀ କାନ୍ଦୁଛି ଆଖି ଲୁଚେଇ’ ମଞ୍ଚସ୍ଥ



ମନୋରଞ୍ଜନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

ଜି.ଉଦୟଗିରି,୭।୬(ଡି.ଏନ.ଏ.)

ଜି.ଉଦୟଗିରି ଶୀତଳଷଷ୍ଠୀ ଯାତ୍ରା କମିଟି ଦ୍ୱାରା ଆୟୋଜିତ ନାଟକ ‘କାହାଣୀ କାନ୍ଦୁଛି ଆଖି ଲୁଚେଇ’ ସୋମବାର ମଞ୍ଚସ୍ଥ ହୋଇଯାଇଛି। ଜି.ଉଦୟଗିରି ଏନଏସି ଅଧକ୍ଷା ଭାନୁପ୍ରଭା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ନାଟକକୁ ଉଦଘାଟନ କରିଥିଲେ। ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ବିପିନ ବିହାରୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ କାର୍ଯକ୍ରମରେ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଖବରଦାତା ଶିଶିର ପଟ୍ଟନାୟକ, ସମ୍ମାନିତ ଅତିଥି ଜିଲା ପରିଷଦ ଉପାଧକ୍ଷା ସାଧବାଣୀ ନାୟକ ଯୋଗ ଦେଇଥିଲେ। ବ୍ୟବସାୟୀ ସଂଘ ସଭାପତି ମନୋଜ କୁମାର ମହାପାତ୍ର, ଧବଳେଶ୍ୱର ମନ୍ଦିର କମିଟି ସଭାପତି କେ ସୂର୍ଯ୍ୟ ନାରାୟଣ ପାତ୍ର, ଆନନ୍ଦେଶ୍ୱର ମନ୍ଦିର କମିଟି ସଭାପତି ଲଲାଟେନ୍ଦୁ ପରିଚ୍ଛା, ଯାତ୍ରା କମିଟି ସମ୍ପାଦକ ଗଣେଶ ପାଢ଼ୀ ମଞ୍ଚାସୀନ ଥିଲେ। ଯାତ୍ରା କମିଟି କୋଷାଧକ୍ଷ ମାନସ ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ବିଷ୍ଣୁ ମହାରଣା ମଞ୍ଚ ପରିଚାଳନା କରିଥିଲେ। ଶୀତଳଷଷ୍ଠୀ ଯାତ୍ରାରେ ଗଞ୍ଜାମ ଜିଲାର ପ୍ରହଲ୍ଲାଦ ନାଟକ ଓ ସୁଭଦ୍ରା ପରିଣୟ ନାଟକ ମଧ ପରିବେଷଣ ହୋଇଥିଲା।

## ବାଲ୍ୟବିବାହ ବନ୍ଦ ଲାଗି ବିଦ୍ୟାଳୟରେ ସଚେତନତା

ପାରଳାଖେମୁଣ୍ଡି,୭।୬(ଡି.ଏନ୍.ଏ)

ଗଜପତି ଜିଲା ପ୍ରଶାସନ ଓ ଆକ୍ସନ ଏଡ଼ର ମିଳିତ ଉଦ୍ୟମରେ ବାଲ୍ୟବିବାହ ବନ୍ଦ କରିବା ନିମନ୍ତେ ରାୟଗଡ ଓ ଜିରାଙ୍ଗ ପଞ୍ଚାୟତର ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇ ବିଦ୍ୟାଳୟରେ ଉପସ୍ଥିତ ୧୧୦ ଛାତ୍ରୀଛାତ୍ରଙ୍କୁ ନେଇ ବାଲ୍ୟ ବିବାହ ରୋକିବା ଲାଗି ସଚେତନତା ନିମନ୍ତେ ବିତର୍କ, ରଚନା ଓ କୁଇଜ୍ ପ୍ରତିଯୋଗିତା କରାଯାଇଥିଲ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।ଏଥିସହିତ ସେମାନଙ୍କୁ ବାଲ୍ୟବିବାହ ଆଇନ ୨୦୦୬ ବିଷୟରେ ଅବଗତ କରାଯିବା ସହ ବାଲ୍ୟ ବିବାହ ଦ୍ୱାରା ଯେଉଁସବୁ ଅସୁବିଧା ହୁଏ ତାହା କୁହାଯାଇଥିଲା। କାର୍ଯ୍ୟକ୍ରମରେ ରାୟଗଡ ବିଡ଼ିଓ ରାଜ ରଞ୍ଜିତ ପ୍ରତାପ ବଳ, ସିଡିପିଓ ତେରେସ୍କୋବା ମଲ୍ଲିକ, ଶିଶୁ କଲ୍ୟାଣ ସମିତି ଗଜପତିର ସଭ୍ୟ ହିରଣ୍ୟ ରୋଇ, ଜିଲା ଶିଶୁ ସୁରକ୍ଷା ୟୁନିଟର ଜୟ ପ୍ରକାଶ ବାଡ଼ତ୍ୟା, ପ୍ରଧାନ ଶିକ୍ଷକ ଓ ଆକ୍ସନ ଏଡର ବିଜୟ ପ୍ରଧାନ, ଝରଣା କୁମ୍ଭ ଓ ଇନ୍ଦୁମତୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ଶ୍ରମିକ ନିବାରଣ ସଚେତନତା ରଥ ଗଡ଼ିଲା

ପାରଳାଖେମୁଣ୍ଡି,୭।୬(ଡି.ଏନ୍.ଏ)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପ୍ରଶାସନ ପକ୍ଷରୁ ଶିଶୁ ଶ୍ରମିକ ନିବାରଣ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଏହି ରଥକୁ ଜିଲାପାଳ ଲିଙ୍ଗରାଜ ପଣ୍ଡା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଜିଲାରେ ଶିଶୁ ଶ୍ରମିକ ପ୍ରଥା ବନ୍ଦ କରିବାକୁ ୧୫ଦିନ ଧରି ଏହି ରଥ ବିଭିନ୍ନ ପଞ୍ଚାୟତ ବୁଲି ଲୋକଙ୍କୁ ସଚେତନ କରିବ। ପ୍ରଥମ ଦିନ ରଥ ପାରଳା ପୌର ପରିଷଦର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଜିଲାର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର କାର୍ଯ୍ୟକର୍ତ୍ତାଙ୍କ ସହିତ ଶିଶୁ ମଙ୍ଗଳ ଓ ଜିଲା ଶ୍ରମ ବିଭାଗର କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ସମସ୍ତ ବ୍ଲକସ୍ତରରେ ଶିଶୁ ସୁରକ୍ଷା ବିଭାଗ ଓ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ମାସକ ମଧ୍ୟରେ ଜିଲାକୁ ଶିଶୁ ଶ୍ରମିକମୁକ୍ତ କରିବା ଲକ୍ଷ୍ୟ ରଖାଯାଇଛି ବୋଲି ଜିଲାପାଳ କହିଛନ୍ତି।




ସଚେତନତା ଶୋଭାଯାତ୍ରା ।

## ଗ୍ରାମ୍ୟ ସେତୁ ଭିତ୍ତିପ୍ରସ୍ତର

ଆସିକା,୭।୬(ଡି.ଏନ୍.ଏ)

ଆସିକା ବ୍ଲକର ସାନ୍ତରାପୁର- ଧନିଜା ରାସ୍ତାରେ ନଈବର ନାଳ ଉପରେ ଏକ ଗ୍ରାମ୍ୟ ସେତୁ ଲାଗି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିଡିଓ କନଫରେନ୍ସି ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଆସିକା ବ୍ଲକ ଯୁବବିଜେଡି ସଭାପତି ଶିବ ନାହାକ, ଜିଲାପରିଷଦ ସଦସ୍ୟା ତନ୍ମୟୀ ନାହାକ, ଅନିମା ପରିଡା, ମନୋଜ ଦୋରା, ଦିଲୀପ ପାଣିଗ୍ରାହୀ, ସରପଞ୍ଚ ବିଦ୍ୟାନ୍ତ ଚର୍ଚ୍ଚି, ବ୍ଲକ ବିଜେଡି ସଭାପତି ରାଜେଶ କୁମାର ପଟ୍ଟନାୟକ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ୨ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ବିଜୁ ସେତୁ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ସେତୁ ନିର୍ମାଣ ହେବ । ସେତୁ ହେଲେ ଆସିକା ବ୍ଲକର ୬ଟି ପଞ୍ଚାୟତର ପ୍ରାୟ ୩୦ ଗ୍ରାମର ଜନସାଧାରଣଙ୍କ ଗମନା ଗମନରେ ସୁବିଧା ହେବ।

## ଭାଜପାର ମହିଳା ସମାବେଶ

ଆସିକା,୭।୬(ଡି.ଏନ.ଏ)

କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଭାଜପା ସରକାର ମହିଳାଙ୍କ ସାମଗ୍ରିକ ବିକାଶ ଲାଗି ବହୁ ପଦକ୍ଷେପ ନେଇଛି। ତେବେ ପୁରୁଷ ପ୍ରାଧାନ୍ୟ ସମାଜରେ ମହିଳାମାନେ ପଛରେ ରହୁଥିବାରୁ ଏହା ଜାଣିପାରୁନାହାନ୍ତି। ସମାଜର ସାମଗ୍ରିକ ବିକାଶ ନିମନ୍ତେ ମହିଳାମାନେ ଆଗଭର ହେବା ଜରୁରୀ ବୋଲି ରାଜ୍ୟ ଭାଜପା ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ମତବ୍ୟକ୍ତ କରିଛନ୍ତି। ଘୁମୁସର ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସୋମବାର ଆସିକା ଏନ୍‌ଏସିର ଲଛମନପଲ୍ଲୀ ଗ୍ରାମରେ ମହିଳା ସମାବେଶ ହୋଇଥିଲା । ଘୁମୁସର ଜିଲା ସଭାନେତ୍ରୀ ତଥା ପୂର୍ବତନ ଏନଏସି ଅଧକ୍ଷା ମଧୁସ୍ମିତା ପୋଲାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି



ମନୋରଞ୍ଜନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ସମାବେଶରେ ସାଧାରଣ ସମ୍ପାଦିକା ସାମନ୍ତସିଂହାରଙ୍କ ସମେତ ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା ଦେବରାଜ ମହାନ୍ତି, ବରିଷ୍ଠ ମହିଳା ନେତ୍ରୀ ଜୟନ୍ତୀ ପଢିଆରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା, ଘୁମୁସର ଜିଲା ଯୁବମୋର୍ଚ୍ଚା ସଭାପତି ପ୍ରମୋଦ କୁମାର ପଣ୍ଡା, ଜିଲା ସଂପାଦକ ନାରାୟଣ ବେହେରା, ଦୁର୍ଗାଚରଣ ପଟ୍ଟନାୟକ, ନଗର ମହିଳା ସଭାନେତ୍ରୀ ରେଣୁବାଳା ରେଡ୍ଡୀ, ରବୀନ୍ଦ୍ରନାଥ ପୋଲାଇ, କାଉନସିଲର ରାଘବ ସିଅ, ସରୋଜ କୁମାର ଭଞ୍ଜ ପ୍ରମୁଖ ଉଦବୋଧନ ଦେଇଥିଲେ । ସାଂଗଠନିକ ଅଭିବୃଦ୍ଧି ନିମନ୍ତେ ମହିଳାମାନେ ସଂକଳ୍ପବଦ୍ଧ ହେବା ଲାଗି ବକ୍ତାମାନେ ଆହ୍ୱାନ ଦେଇଥିଲେ ।

## ବେଆଇନ ମହଜୁଦ ବାଲି ଜବତ



ଜବତ ବାଲି ବୋଝେଇ ଟ୍ରାକ୍ଟର ।

ଚିକିଟି,୭।୬(ଡି.ଏନ.ଏ.)

ଚିକିଟି ବ୍ଲକ୍ କଳବାଡ ପଞ୍ଚାୟତ ଅନ୍ତର୍ଗତ ଖରଖରିଆ ଗ୍ରାମରେ ବେଆଇନ ଭାବେ ମହଜୁଦ ରଖାଯାଇଥିବା ବାଲିକୁ ମଙ୍ଗଳବାର ଚିକିଟି ତହସିଲ୍ ପ୍ରଶାସନ ପକ୍ଷରୁ ଜବତ କରାଯାଇଛି । ଦୀର୍ଘଦିନ ହେଲା ବାହୁଦା ନଦୀ ବାଲିଘାଟରୁ ଦିନରାତି ଶତାଧିକ ଟ୍ରାକ୍ଟର ଓ ଟ୍ରକ୍‌ରେ ବାଲି ଜିଲା ତଥା ପଡୋଶୀ ଆନ୍ଧ୍ରକୁ ଚାଲାଣ ହେଉଥିବା ଏବଂ ବେଆଇନ ଭାବେ ଗାଁରେ ମହଜୁଦ୍ ରଖି ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଥିଲା । ଏ ନେଇ କୌଣସି ସୂତ୍ରରୁ ଖବରପାଇ ମଙ୍ଗଳବାର ଭୋରରେ ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ଓ ଅତିରିକ୍ତ ତହସିଲଦାର କୁଳଦୀପ୍ କୁମାର ଘଟଣାସ୍ଥଳରେ ପହଞ୍ଚି ମହଜୁଦ ରଖାଯାଇଥିବା ବାଲି ଓ ୧୮ଟି ଟ୍ରାକ୍ଟରରେ ବୋଝେଇ ହୋଇଥିବା ବାଲିକୁ ଜବତ କରିଛନ୍ତି।

